OFFICE OF THE TAHASILDAR ATHMALLIK, DIST- ANGUL

# ତହସିଲ କାର୍ଯ୍ୟାଳୟ , ଆଠମଲ୍ଲିକ

## <u>ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ ନିମନ୍ତେ ବିଜ୍ଞାପନ</u>

<u>ତହସିଲ କାର୍ଯ୍ୟାଳୟ ବିଜ୍ଞପ୍ତି ସଂଖ୍ୟା. ୨୬୭ / ତାରିଖ. ୨୫.୦୧.୨୦୨୧</u>

[ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ ଓ ତତ ପରବର୍ତ୍ତୀ (ସଂଶୋଧନ) ଆଇନ ଅନୁଯାୟୀ]

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଆଠମଲ୍ଲିକ ତହସିଲ ଅନ୍ତର୍ଗତ ନିମ୍ନଲିଖିତ ୬ ଟି ଲଘୁ ଖଣିଜ ଖାଦାନକୁ ଆସନ୍ତା ୫(ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଉତ୍ସର ବିବରଣୀ, ଦରଖାସ୍ତ ଗ୍ରହଣ କରିବାର ଆରମ୍ଭ ଓ ଶେଷ ତାରିଖ ଏବଂ ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଅନୁଗୋଳ ଜିଲ୍ଲା ୱେବସାଇଟ <u>www.angul.nic.in</u> ଟେଣ୍ଡର ଅଧୀନରେ ଉପଲବ୍ଧ ହେବ । ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ଆଠମଲ୍ଲିକ ତହସିଲଦାରଙ୍କ କାର୍ଯ୍ୟାଳୟରେ ଯେ କୌଣସି କାର୍ଯ୍ୟ ଦିବସରେ (ସକାଳ ୧୦ ଘଟିକାରୁ ଅପରାହ୍ନ ୫.୩୦ ଘଟିକା ମଧ୍ୟରେ) ଯୋଗାଯୋଗ କରି ପାରିବେ ।

| କ୍ରମିକ ସଂଖ୍ୟା | କେସ ସଂଖ୍ୟା | ଲଘୁ ଖଣିଜ ଉତ୍ସର ନାମ | ମୌଜା | ବାର୍ଷିକ MGQ (Mining Plan ଅନୁଯାୟୀ in Cum) |
|---|---|---|---|---|
| ୧ | ୨ | ୩ | ୪ | ୫ |
| ୧. | ୦୩/୨୦୨୦ | ନାଏକପଡା ବାଲି ଖାଦାନ | ନାଏକପଡା | ୧୨,୦୦୦ |
| ୨. | ୦୪/୨୦୨୦ | ଓଡଶିଙ୍ଗା ବାଲି ଖାଦାନ | ଓଡଶିଙ୍ଗା | ୩,୫୦,୦୦୦ |
| ୩. | ୦୫/୨୦୨୦ | ଖଡରାପଡା ବାଲି ଖାଦାନ | ଖଡରାପଡା | ୪୦,୦୦୦ |
| ୪. | ୦୬/୨୦୨୦ | କେଉଟଭୁଇଁ ବାଲି ଖାଦାନ | କେଉଟଭୁଇଁ | ୮୦,୦୦୦ |
| ୫. | ୦୭/୨୦୨୦ | ନୀଳକଣ୍ଠପଡା ବାଲି ଖାଦାନ | ନୀଳକଣ୍ଠପଡା | ୬୦,୦୦୦ |
| ୬. | ୦୮/୨୦୨୦ | ଟାଇଁସର ବାଲି ଖାଦାନ | ଟାଇଁସର | ୧୫,୦୦୦ |

25/01/2021

ତହସିଲଦାର, ଆଠମଲ୍ଲିକ
Tahasildar, Athmallik

OFFICE OF THE TAHASILDAR
ATHMALLIK, DIST- ANGUL

# ତହସିଲ କାର୍ଯ୍ୟାଳୟ , ଆଠମଲ୍ଲିକ

ବିଜ୍ଞାପନ ପତ୍ର ସଂଖ୍ୟା ...୨୬୭.../ ତାରିଖ ...୨୪.୦୧.୨୦୨୧...

## ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ ନିମନ୍ତେ ବିଜ୍ଞାପନ

[ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ ଓ ତତ ପରବର୍ତ୍ତୀ (ସଂଶୋଧନ) ଆଇନ ଅନୁଯାୟୀ]

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଆଠମଲ୍ଲିକ ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ ଖାଦାନକୁ ଆସନ୍ତା ୫(ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଇଚ୍ଛୁକ ବ୍ୟକ୍ତି ସବିଶେଷ ତଥ୍ୟ OMMC Rules-2016 ର FORM-M ପୂରଣ କରି ଏହାର ତିନି କିତା ନକଲ ସହ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ ସଲଗ୍ନ କରି ଜଉମୁଦ ଲଫାପା (Sealed Cover) ରେ ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆସନ୍ତା ତା. **୨୫.୦୨.୨୦୨୧** ରିଖ (**25th February, 2021**) ଦିନ ଅପରାହ୍ନ **୫.୦୦** ଘଟିକା ସମୟ ପର୍ଯ୍ୟନ୍ତ ତହସିଲ ଅଫିସରେ ଉଦ୍ଧିଷ୍ଟ ଥିବା ଟେଣ୍ଡର ବାକ୍ସରେ ଦାଖଲ କରିବେ କିମ୍ବା Registered/Speed Post ମାଧ୍ୟମରେ ତହସିଲଦାର, ଆଠମଲ୍ଲିକ ଙ୍କ ଠିକଣାରେ ପଠାଇପାରିବେ । ଉପରୋକ୍ତ ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ ।ଲଫାପା ଉପରେ ସଇରାତ ଉତ୍ସର ନାମ ଓ ସଇରାତ କେସ ନମ୍ବର ଲେଖିଥିବା ଆବଶ୍ୟକ ।

ସମସ୍ତ ପ୍ରାପ୍ତ ହୋଇଥିବା ବନ୍ଦ ଲଫାପା ଗୁଡିକୁ ତା. **୨୬.୦୨.୨୦୨୧** ରିଖ (**26th February, 2021**) ଦିବା **୧୧.୦୦** ଘଟିକା ସମୟରେ ଖୋଲାଯାଇ ଦରଖାସ୍ତ ଗୁଡିକୁ ତନଖି କରାଯିବ ଏବଂ ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ଧାର୍ଯ୍ୟ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ।

ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ ଗ୍ରହଣ କରାଯାଇନଥାଏ କିମ୍ବା କୌଣସି ଦରଖାସ୍ତକାରୀ ଯୋଗ୍ୟ ବିବେଚିତ ହୋଇପାରିନଥାନ୍ତି ତାହେଲେ ଦ୍ୱିତୀୟ ଥର ପାଇଁ ତା. **୧୫.୦୩.୨୦୨୧** ରିଖ (**15th March, 2021**) ଦିନ ଅପରାହ୍ନ **୨.୦୦** ଘଟିକା ସମୟ ପର୍ଯ୍ୟନ୍ତ ଓ ତୃତୀୟ ଥର ପାଇଁ ତା. **୨୪.୦୩.୨୦୨୦** ରିଖ (**24th March, 2021**) ଦିନ ଅପରାହ୍ନ **୨.୦୦** ଘଟିକା ସମୟ ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ସେହିପରି ଭାବରେ ଦରଖାସ୍ତ କରିପାରିବେ । ସେଗୁଡିକୁ ସେହିଦିନ ଅପରାହ୍ନ **୫.୦୦** ଘଟିକା ସମୟରେ ଖୋଲାଯାଇ ଦରଖାସ୍ତ ଗୁଡିକୁ ତନଖି କରାଯିବ ଏବଂ ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ଧାର୍ଯ୍ୟ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ । ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରାଧିକୃତ ପ୍ରତିନିଧି ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ଉପସ୍ଥିତ ରହିପାରନ୍ତି ।

25/01/2021

Tahasildar, Athmallik

OFFICE OF THE TAHASILDAR ATHMALLIK, DIST- ANGUL

## ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଆବଶ୍ୟକୀୟ କାଗଜାତ

୧. ଦରଖାସ୍ତ ପାଉଣା ବାବଦ ଟ.୧୦୦୦.୦୦ (ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ (Non-Refundable) I ଏହି (0853-Non-Ferrous Mining and Metallurgical Industries-102-Mineral Concession Fees, Rents and Royalties) Head of accounts ରେ ଜମା ହେବା ବିଧେୟ ।

୨. ଆବେଦନ କରିଥିବା ଲିଜ ନିମିତ୍ତ ସମ୍ପୂର୍ଣ ବିବରଣୀ ଓ ନକ୍ସା ।

୩. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ସମ୍ବନ୍ଧୀୟ ସତ୍ୟପାଠ ।

୪. ଦରଖାସ୍ତକାରୀ Rule 27(4) (IV) of OMMC Rules, 2016, ନିୟମ 27(A) (IV) ମୁତାବକ ସମ୍ପୃକ୍ତ ଖଣିର ବାର୍ଷିକ ଉତ୍ତୋଳନ ହେବାକୁ ଥିବା Minimum Guaranteed Quantity (MGQ) ର ରୟାଲଟି ଓ ଆବେଦନ କରିଥିବା ପ୍ରସ୍ତାବିତ ଅତିରିକ୍ତ ଦେୟ (Additional Charge) ପରିମାଣର ସମାନ ଅର୍ଥ ବା ତଦୁର୍ଦ୍ଧ ମୂଲ୍ୟର ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee) କିମ୍ବା ଶୋଧକ୍ଷମ ପ୍ରମାଣପତ୍ର (Solvency Certificate) ଯାହାର ଅବଧି ୧୮ ମାସ ପାଇଁ ବୈଧ ଥିବ ତାହା ଦାଖଲ କରିବେ ଓ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତିର ତାଲିକା ପ୍ରଦାନ କରିବେ ।

୫. ଆବେଦନକାରୀ ଅମାନତ ରାଶି (Earnest Money) ସ୍ୱରୂପ ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ର ରୟାଲଟି ଓ ସର୍ବନିମ୍ନ ଅତିରିକ୍ତ ଦେୟ (Minimum Additional Charge) ର ଶତକଡା ୫ ପ୍ରତିଶତ ଯାହାକି ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ତହସିଲଦାର, ଆଠମଲ୍ଲିକ ଙ୍କ ନାମରେ ଥାଇ ବନ୍ଦ ଲଫାପାରେ ଦରଖାସ୍ତ ସହିତ ସଲଗ୍ନ କରିବା ଆବଶ୍ୟକ ଅଟେ ।

୬. ଅନ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା, ଆର୍ଥିକ ସ୍ଥିତି ଏବଂ ନିଜ ପାଖରେ ଥିବା ଯନ୍ତ୍ରପାତିର ବିବରଣୀ ।

୭. G.S.T. Clearance ସାର୍ଟିଫିକେଟ ର ନକଲ / ଗତବର୍ଷର Income Tax Return ର ନକଲ ।

୮. କୌଣସି ସଇରାତ ଉତ୍ସ ନିମନ୍ତେ ଆବେଦନ କରିବା ପୂର୍ବରୁ, ଦରଖାସ୍ତକାରୀ ଉକ୍ତ ଉତ୍ସକୁ ପରିଦର୍ଶନ କରିଥିବାର ଏକ ସ୍ୱଘୋଷିତ ଲିଖିତନାମା ଦାଖଲ କରିବେ ।

ଦରଖାସ୍ତକାରୀ ଉପରୋକ୍ତ କାଗଜାତ ଗୁଡିକ ଦାଖଲ ନକଲେ ତାଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲିଖିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତାପନ୍ନ ଅଧିକାରୀଙ୍କର ରହିଛି । କୌଣସି କାରଣ ନଥାଇ ଦରଖାସ୍ତକୁ ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି। ସମସ୍ତ ଦରଖାସ୍ତକାରୀ OMMC Rules, ୨୦୧୬ ଓ ତତ ପରବର୍ତ୍ତୀ (ସଂଶୋଧନ) ଆଇନ ଅନୁଯାୟୀ ସମସ୍ତ ସର୍ତ୍ତାବଳୀକୁ ପାଳନ କରିବା ବିଧେୟ । ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟି ଦିନ ବ୍ୟତୀତ ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ।

25/01/2021

Tahasildar, Athmallik

OFFICE OF THE TAHASILDAR
ATHMALLIK, DIST- ANGUL

# ସର୍ତ୍ତାବଳୀ

୧. ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ ଓ ତତ ପରବର୍ତ୍ତୀ (ସଂଶୋଧନ) ଆଇନର ପରିସର ଭୁକ୍ତ ରହିବେ ଏବଂ ପାଳନ କରିବାକୁ ବାଧ ହେବେ ।

୨. ଲିଜ ଧାରି Mines Act, 1952 ଓ Explosive Act, 1984 ର ସମସ୍ତ ନିୟମ ଓ ନିୟମାବଳୀର ଅନ୍ତର୍ଭୁକ୍ତ ହେବେ।

୩.ଦରଖାସ୍ତ କରିବା ପୂର୍ବରୁ ସଇରାତ ଉତ୍ସ ଗୁଡିକୁ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଗଛିତ ଥିବା ଲଘୁ ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ହେବେ ।

୪.ଲିଜ ଗ୍ରହଣ କରିସାରିଲା ପରେ ଲିଜ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା ଏଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଏଣୁ ଲିଜ ଗ୍ରହଣ କରିବା ପୂର୍ବରୁ ସମ୍ପୃକ୍ତ ସଇରାତ ଉତ୍ସର କ୍ଷେତ୍ର ସ୍ଥିତି (field position) ତଥା ଅନ୍ୟାନ୍ୟ ତଥ୍ୟ ତନଖି ନେବା ଆବଶ୍ୟକ ।

୫. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ପାଇଁ କ୍ଷମତାପନ୍ନ ଅଧିକାରୀ ଦାୟୀ ରହିବେ ନାହିଁ ।

୬. ଲିଜ ର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଓ ସର୍ବାଧିକ ଅତିରିକ୍ତ ଦେୟ **(Additional Charge)** ଉଲ୍ଲେଖ କରିଥିବା ଆବେଦନକାରୀଙ୍କୁ ଯୋଗ୍ୟ ବିବେଚିତ କରାଯିବ ।

୭. ସର୍ବୋଚ୍ଚ ସର୍ବାଧିକ ଅତିରିକ୍ତ ଦେୟ (Additional Charge) ଉଲ୍ଲେଖ କରିଥିବା ଆବେଦନକାରୀ ଲିଜ ନନେଲେ ଦ୍ଵିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ଉଲ୍ଲେଖ କରିଥିବା ଆବେଦନକାରୀଙ୍କୁ ଲିଜ ନେବାର ସୁଯୋଗ ଦିଆଯିବ କିମ୍ବା ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ଦର୍ଶାଯାଇଥିବା ଅତିରିକ୍ତ ଦେୟ (Additional Charge) ର ମୂଲ୍ୟ ସମାନ ପରିଲକ୍ଷିତ ହୁଏ, ତେବେ ତାହା ଧର୍ମଗୋଳା ମାଧ୍ୟମରେ (By draw of lots) ନିଲାମଧାରୀ ଚୟନ କରାଯିବ ।

୮. ଯଦି କୌଣସି ଦରଖାସ୍ତକାରୀ ଆବଶ୍ୟକୀୟ ସମସ୍ତ କାଗଜାତ ସଂଲଗ୍ନ ନକରି କିମ୍ବା ଧାର୍ଯ୍ୟ Minimum Additional Charge ଠାରୁ କମ ଦରରେ ଦରଖାସ୍ତ କରିଥିବେ ତେବେ ତାଙ୍କର ଫର୍ମ M ଖାରଜ କରିଦିଆଯିବ । କୌଣସି ଅସମ୍ପୂର୍ଣ ଦରଖାସ୍ତ ଗ୍ରହଣ ଯୋଗ୍ୟ ହେବ ନାହିଁ ।

୯. ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ଦାଖଲ ପାଇଁ ଆବେଦନ କରିଥିବା ବ୍ୟକ୍ତି ଲିଜ ଗ୍ରହଣ ନକଲେ ତାଙ୍କର ଜମାରାଶି ବାଜ୍ୟାପ୍ତି କରାଯିବ ଓ ୨ୟ ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ଉଲ୍ଲେଖ କରିଥିବା ଆବେଦନକାରୀଙ୍କୁ ଲିଜ ଗ୍ରହଣ କରିବାପାଇଁ ସୁଯୋଗ ଦିଆଯିବ ।

୧୦. ପ୍ରଚଳିତ ନିୟମ ଅନୁଯାୟୀ ଲିଜଧାରୀ ସରକାରଙ୍କ ଦ୍ଵାରା ଧାର୍ଯ୍ୟ ଦେୟ ପଇଠ କରିବା ପାଇଁ ବାଧ ହେବେ ।

25/01/2021

Tahasildar, Athmallik

OFFICE OF THE TAHASILDAR
ATHMALLIK, DIST-ANGUL

୧୧. ଲିଜ ଅବଧି ମଧ୍ୟରେ ସରକାରଙ୍କ ଧାର୍ଯ୍ୟ ଲଘୁ ଖଣିଜ ଦ୍ରବ୍ୟର ରୟାଲଟି ଓ ଅନ୍ୟାନ୍ୟ ଦେୟରେ କୌଣସି ବୃଦ୍ଧି ଘଟିଲେ ଓ ସମ୍ପୃକ୍ତ ଲିଜଧାରୀଙ୍କ ମୂଲ୍ୟାଙ୍କ ଠାରୁ ଅଧିକ ହୋଇଥାଏ ତେବେ ଲିଜଧାରୀ ବର୍ଦ୍ଧିତ ହାରରେ ରୟାଲଟି ଓ ଅନ୍ୟାନ୍ୟ ଦେୟ ପଇଠ କରିବା ପାଇଁ ବାଧ ହେବେ ।

୧୨. ସର୍ବୋଚ୍ଚ ନିଲାମଧାରୀଙ୍କୁ ତାଙ୍କ ସପକ୍ଷରେ ଖଣି ମଞ୍ଜୁର ହୋଇଥିବା ବିଷୟ ଫର୍ମ F ରେ ସାତଦିନ ମଧ୍ୟରେ ଜଣାଇ ଦିଆଯିବ ଓ ସର୍ବୋଚ୍ଚ ନିଲାମଧାରୀ ୧୫ ଦିନ ମଧ୍ୟରେ ସହମତି ପତ୍ର ପ୍ରଦାନ କରିବା ସହିତ ନିମ୍ନମତେ ଅମାନତ ରାଶି (Security Money) ଜମା କରିବେ ଓ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା Earnest Money କୁ ଏକତ୍ର କରି ସୁଧ ରହିତ ଅମାନତ ରାଶି ଭାବରେ ରଖାଯିବ ।

**{Security Money = [25% of MGQ as approved in Mining Plan × (Royalty + Additional Charge Quoted)] & DMF – Earnest Money}**

୧୩. ଯଦି ମନୋନୀତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସହମତି ପତ୍ର ପ୍ରଦାନ ନକରନ୍ତି ଓ ଅମାନତ ରାଶି ପଇଠ ନକରନ୍ତି, ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

୧୪. ନିର୍ଦ୍ଧାରିତ ସମୟ ମଧ୍ୟରେ ଲିଜଧାରୀ ଲିଜ ପାଇଥିବା ସଇରାତର Environment Clearance ଦାଖଲ କରିବେ । ଲିଜଧାରୀ ପାଇଥିବା ସଇରାତର Mining Plan ପାଇଁ ହୋଇଥିବା ଖର୍ଚ୍ଚ ୧୫ ଦିନ ମଧ୍ୟରେ ଦାଖଲ କରିବେ ଏବଂ ଯଦି କ୍ଷମତାପ୍ରାପ୍ତ ଅଧିକାରୀ ଉକ୍ତ ସଇରାତ ଉପ୍ପର Environment Clearance ପ୍ରସ୍ତୁତ କରିଥାନ୍ତି, ତେବେ ସେହି ବାବଦରେ ଖର୍ଚ୍ଚ ହୋଇଥିବା ସମସ୍ତ ଦେୟ ମଧ୍ୟ ଦାଖଲ କରିବେ ।

୧୫. ଲିଜ ମଞ୍ଜୁର ପରେ ଲିଜଧାରୀ Royalty, Additional Charge, Surface Rent, Dead Rent, Compensatory Afforestation Fees, DMF, EMF and TCS etc. ର ଧାର୍ଯ୍ୟ ବାର୍ଷିକ ଦେୟ ଜମା କରିବେ, ଯାହାକି ଅନୁମୋଦିତ ହୋଇଥିବା Mining Plan ରେ ଦର୍ଶାଯାଇଥିବା Minimum Guaranteed Quantity (MGQ) ଅନୁଯାୟୀ ଧାର୍ଯ୍ୟ କରାଯିବ ।

୧୬. ମନୋନୀତ ଆବେଦନକାରୀ ତିନି ମାସ ମଧ୍ୟରେ Mining Plan ତଥା Environment Clearance ଦାଖଲ କରିବା ସହିତ ସମସ୍ତ ସରକାରୀ ଦେୟ ପଇଠ କଲା ପରେ ଫର୍ମ-N ରେ ନିଜସ୍ୱ ଖର୍ଚ୍ଚରେ Registration Act, 1908 ଓ Stamp Act, 1899 ଅନୁଯାୟୀ ଚୁକ୍ତି ପତ୍ର (Execution of Lease Deed) ସମ୍ପାଦନ କରିବା ବାଧ୍ୟତା ମୂଳକ ଅଟେ ।

୧୭. ଏହି ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ମନୋନୀତ ଆବେଦନକାରୀଙ୍କୁ ଖଣି ପରିଚାଳନା ପାଇଁ State Pollution Control Board ଙ୍କ ଠାରୁ CTO ଆଣିବା ପାଇଁ ବାଧ ହେବେ । ବିନା CTO ରେ ଲିଜଧାରୀ ଖଣିଜଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ ।

୧୮. ଲିଜଧାରୀ ନିଜ ଖର୍ଚ୍ଚରେ State Pollution Control Board ଙ୍କ ଠାରୁ CTO ପ୍ରାପ୍ତ ପରେ ଖଣି ପରିଚାଳନା ପାଇଁ ଯୋଗ୍ୟ ବିବେଚିତ ହେବେ ।

୧୯. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ ଲିଜଧାରୀଙ୍କୁ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପନ୍ନ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସଇରାତ ଉପ୍ପରୁ ଖଣିଜ ପଦାର୍ଥ ଉଠାଇ ପାରିବେ ନାହିଁ।

25/01/2021

Tahasildar, Athmallik

OFFICE OF THE TAHASILDAR
ATHMALLIK, DIST-ANGUL

୨୦. ଲିଜ ଅବଧି ମଧରେ ଲିଜଧାରୀ ଲିଜ ସମ୍ପର୍କୀୟ ସର୍ତ୍ତାବଳୀ ର ଉଲ୍ଲଘନ କଲେ ତାଙ୍କର ଲିଜ ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଜମାରାଶିକୁ ବାଜ୍ୟାପ୍ତି କରାଯିବ ।

୨୧. ଜିଲ୍ଲାପାଳ ଏବଂ Conservator of Forest ଉପଯୁକ୍ତ କାରଣ ଦର୍ଶାଇ ଲିଜ କୁ ରଦ୍ଦ କରିବାର ସମସ୍ତ କ୍ଷମତା ରଖନ୍ତି ।

୨୨. ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ପାଖରେ ରହିଛି ।

୨୩. ପରିବେଶ ସମ୍ବନ୍ଧିୟ ଅନୁମତି ଲିଜଧାରୀ ନିଜ ଖର୍ଚ୍ଚରେ ହାସଲ କରି ଦାଖଲ କରିବେ ।

୨୪. ନିର୍ଦ୍ଦିଷ୍ଟ ସମୟ ସୀମା ମଧରେ ପରିବେଶ ମଞ୍ଜୁରୀ ଦାଖଲ ନକଲେ ଅମାନତ ରାଶି ବାଜ୍ୟାପ୍ତ ହେବ ।

୨୫. ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମାରାଶି କୁ ବାଜ୍ୟାପ୍ତ କରିବାର କ୍ଷମତାପନ୍ନ ଅଧିକାରୀଙ୍କ ରହିଅଛି ।

୨୬. ଜମା ରୟାଲଟି ଓ Additional Charge ରାଶିର ୨ % ଲିଜଧାରୀ TCS ବାବଦକୁ ନଗଦ ଆକାରରେ ଜମା କରିବେ ଏବଂ ଲିଜଧାରୀ ରୟାଲଟି ଓ Additional Charge ର ୫ % EMF ଓ ୧୦ % DMF ବାବଦକୁ ଦାଖଲ କରିବେ ।

୨୭. ଲିଜଧାରୀ ସଇରାତ ଉତ୍ସର (Mining Plan) ନକ୍ସା ଅନୁଯାୟୀ ଏହାର ସୀମାସରହଦ ଚିହ୍ନଟ କରି ସିମେଣ୍ଟ ଖୁଣ୍ଟି ଦ୍ୱାରା ବାଡ ଦେବେ ଓ ସମୁଖ ଭାଗରେ ଏକ ସୂଚନା ଫଳକ (Display Board) ତିଆରି କରି ସେଥିରେ ସଇରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଓ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟର ସମ୍ପାଦନ ଖର୍ଚ୍ଚ ଲିଜ ଧାରି ବହନ କରିବେ ।

୨୮. ତହସିଲ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ ଦିବସରେ ଇଚ୍ଛୁକ ପ୍ରାଥୀ M ଫର୍ମ, ଲିଜ ସର୍ତ୍ତାବଳୀ ତଥା ସଇରାତ ର ସମସ୍ତ ବିବରଣୀ ଅବଗତ ହୋଇପାରିବେ ।

୨୯. ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟି ଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ www.angul.nic.in ରେ ଉପଲବ୍ଧ ହେବ ।

୩୦. ଲିଜ ଗ୍ରହଣ କରିବା ପାଇଁ ଦରଖାସ୍ତ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ଗ୍ରହଣ କରାଯିବ । ନିର୍ଦ୍ଧାରିତ ସମୟ ପରେ ଆସିଥିବା ଦରଖାସ୍ତ ଗ୍ରହଣଯୋଗ୍ୟ ହେବ ନାହିଁ ।

୩୧. ଯଦି ଉକ୍ତ ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲିଖିତ ହୁଏ, ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀଙ୍କ ରହିଅଛି । କ୍ଷମତାପନ୍ନ ଅଧିକାରୀ କୌଣସି କାରଣ ନଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

ଲଘୁ ଖଣିଜ ଉତ୍ସର ସବିଶେଷ ବିବରଣୀ ସାରଣୀ-୧ ରେ ବର୍ଣ୍ଣିତ ଅଛି ।

25/01/2021

Tahasildar, Athmallik

OFFICE OF THE TAHASILDAR
ATHMALLIK, DIST- ANGUL

ସ୍ମାରକ ସଂଖ୍ୟା...୨୬୮.........../ ତାରିଖ ...୨୫.୦୧.୨୦୨୧.........

ଏହାର ଏକକିତା ନକଲ ଜିଲ୍ଲାପାଳ, ଅନୁଗୋଳ / ଉପ-ଜିଲ୍ଲାପାଳ, ଆଠମଲ୍ଲିକ ଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

25/01/2021

ତହସିଲଦାର, ଆଠମଲ୍ଲିକ
Tahasildar, Athmallik

ସ୍ମାରକ ସଂଖ୍ୟା...୨୬୯.........../ ତାରିଖ ...୨୫.୦୧.୨୦୨୧.........

ଏହାର ଏକକିତା ନକଲ ଅନୁଗୋଳ ଜିଲ୍ଲାର ସମସ୍ତ ତହସିଲଦାର/ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ / ସମସ୍ତ ଗ୍ରାମ ପଞ୍ଚାୟତ / ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ /ତହସିଲ କାର୍ଯ୍ୟାଳୟ, ଆଠମଲ୍ଲିକ/ ସମ୍ପୃକ୍ତ ଗ୍ରାମର କୋଠ ଘର ଓ ସମ୍ପୃକ୍ତ ସଇରାତ ସ୍ଥଳୀରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

25/01/2021

ତହସିଲଦାର, ଆଠମଲ୍ଲିକ
Tahasildar, Athmallik

ସ୍ମାରକ ସଂଖ୍ୟା...୨୭୦.........../ ତାରିଖ ...୨୫.୦୧.୨୦୨୧.........

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ଅନୁଗୋଳଙ୍କ ସଦୟ ଅବଗତି ତଥା ଜିଲ୍ଲା ୱେବସାଇଟରେ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

25/01/2021

ତହସିଲଦାର, ଆଠମଲ୍ଲିକ
Tahasildar, Athmallik.

## ସଇରାତ ଉତ୍ସର ବିବରଣୀ- ଆଗାମୀ ୦୫ ବର୍ଷ ପାଇଁ

| କ୍ରମିକ ସଂଖ୍ୟା | କେସ ସଂଖ୍ୟା | ଲଘୁ ଖଣିଜ ଉତ୍ସର ନାମ | ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ରକବା (ଏକରରେ ) | ରୟାଲଟି ମୂଲ୍ୟ (Per Cum) | ଅତିରିକ୍ତ ଦେୟ (Additional Charges Per Cum) | ବାର୍ଷିକ MGQ (Mining Plan ଅନୁଯାୟୀ in Cum) | Earnest Money | Mining Plan ନିମନ୍ତେ ହୋଇଥିବା ଖର୍ଚ୍ଚ |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧. | ୦୩/୨୦୨୦ | ନାଏକପଡା ବାଲି ଖାଦାନ | ନାଏକପଡା | ୬୭ | ୩୪୯ | ନଦୀ | ଏ.୨୦.୦୦ (ସମୁଦାୟ ଏ.୧୭୩.୫୦ ରୁ) | ୩୫.୦୦ | ୩୫.୦୦ | ୧୨,୦୦୦ | ୪୨,୦୦୦/- | ୪୦,୦୦୦.୦୦ |
| ୨. | ୦୪/୨୦୨୦ | ଓଡଶିଙ୍ଗା ବାଲି ଖାଦାନ | ଓଡଶିଙ୍ଗା | ୧୭୩ | ୧୮୨୯ | ନଦୀ | ଏ.୧୮.୪୦ | ୩୫.୦୦ | ୩୫.୦୦ | ୩,୫୦,୦୦୦ | ୧୨,୨୫,୦୦୦/- | ୨,୫୦,୦୦୦.୦୦ |
| | | | | | ୧୮୩୦ | ନଦୀ | ଏ.୨୪.୦୫ | | | | | |
| | | | | | ୧୮୩୧ | ନଦୀ | ଏ.୩୮.୩୨ | | | | | |
| | | | | | ୧୮୩୨ | ନଦୀ | ଏ.୪୦.୦୦ | | | | | |
| | | | | | ୧୮୩୩ | ନଦୀ | ଏ.୬୭.୦୨ | | | | | |
| | | | | | ୧୮୩୪ | ନଦୀ | ଏ.୭୦.୨୫ | | | | | |
| | | | | | ୧୮୩୫ | ନଦୀ | ଏ.୪୯.୦୩ | | | | | |
| | | | | | | **ମୋଟ** | **ଏ.୩୪୭.୦୭** | | | | | |
| ୩. | ୦୫/୨୦୨୦ | ଖଡରାପଡା ବାଲି ଖାଦାନ | ଖଡରାପଡା | ୩୩ | ୪୧୦ | ନଦୀ | ଏ.୩୦.୦୦ (ସମୁଦାୟ ଏ.୪୬.୦୮ ରୁ) | ୩୫.୦୦ | ୩୫.୦୦ | ୪୦,୦୦୦ | ୧,୪୦,୦୦୦/- | ୮୦,୦୦୦.୦୦ |
| ୪. | ୦୬/୨୦୨୦ | କେଉଟଭୁଇଁ ବାଲି ଖାଦାନ | କେଉଟଭୁଇଁ | ୭ | ୨୫ | ନଦୀ | ଏ.୮୭.୨୦ | ୩୫.୦୦ | ୩୫.୦୦ | ୮୦,୦୦୦ | ୨,୮୦,୦୦୦/- | ୧,୨୦,୦୦୦.୦୦ |
| ୫. | ୦୭/୨୦୨୦ | ନୀଳକଣ୍ଠପଡା ବାଲି ଖାଦାନ | ନୀଳକଣ୍ଠପଡା | ୭୨ | ୬୭୨ | ନଦୀ | ଏ.୨୦.୨୦ | ୩୫.୦୦ | ୩୫.୦୦ | ୬୦,୦୦୦ | ୨,୧୦,୦୦୦/- | ୧,୧୦,୦୦୦.୦୦ |
| ୬. | ୦୮/୨୦୨୦ | ଟାଇଁସର ବାଲି ଖାଦାନ | ଟାଇଁସର | ୭୨ | ୨୪୧ | ନଦୀ | ଏ.୨୦.୪୦ | ୩୫.୦୦ | ୩୫.୦୦ | ୧୫,୦୦୦ | ୫୨,୫୦୦/- | ୧,୦୦,୦୦୦.୦୦ |
| | | | | | ୨୪୭ | ନଦୀ | ଏ.୩୦.୪୦ | | | | | |
| | | | | | | **ମୋଟ** | **ଏ.୫୦.୮୦** | | | | | |

25/01/2021

ତହସିଲଦାର, ଆଠମଲ୍ଲିକ

Tahasildar, Athmallik

OFFICE OF THE TAHASILDAR ATHMALLIK, DIST- ANGUL